# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05th October - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

- ଦେଶର ୯ କୋଟିରୁ ଊର୍ଦ୍ଧ୍ୱ କୃଷକଙ୍କୁ ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ ।

— ରାଜ୍ୟରେ ୩୧ ଲକ୍ଷରୁ ଅଧିକ କୃଷକଙ୍କୁ ମିଳିଲା ୬୮୯ କୋଟିରୁ ଊର୍ଦ୍ଧ୍ୱ ସହାୟତା ରାଶି ।

- ବିଭିନ୍ନ ବିଦ୍ୟାଳୟରେ ନବନିଯୁକ୍ତ ୧୬ ହଜାର ୯ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ ।

- ରାଜ୍ୟରେ ଆସନ୍ତା ଡିସେମ୍ବର ୨୬ରୁ ଆରମ୍ଭ ହେବ ଯୁକ୍ତ ଦୁଇ ଇଣ୍ଟରନାଲ୍ ପରୀକ୍ଷା; ଫେବୃୟାରୀ ୧୫ରୁ ହେବ ମୁଖ୍ୟ ପରୀକ୍ଷା ।

ଏବଂ

- କୋଣାର୍କରେ ଆସନ୍ତା ଡିସେମ୍ବର ୧୫ରୁ ଆୟୋଜନ ହେବ ଇକୋ ରିଟ୍ରିଟ୍ ।

*Desk*

# ପି.ଏମ୍. କିଷାନ କିସ୍ତି

କେନ୍ଦ୍ର ସରକାରଙ୍କ ସମସ୍ତ ନୀତି ଓ ନିଷ୍ପତ୍ତି ବିକଶିତ ଭାରତକୁ ସମର୍ପିତ କରାଯାଇଛି। କୃଷକମାନେ ବିକଶିତ ଭାରତର ଆଧାର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ମହାରାଷ୍ଟ୍ରର ୱାସିମ୍‌ଠାରେ ଆଭାସୀ ଜରିଆରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୧୮ତମ କିସ୍ତି ପ୍ରଦାନ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶରେ କୃଷକଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଉଛି। କୃଷି ଭିତ୍ତିଭୂମି ସୁଦୃଢ଼ କରିବା ଓ କୃଷକଙ୍କ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଦେଶର ୯ କୋଟି ୪୦ ଲକ୍ଷ କୃଷକଙ୍କୁ ପ୍ରତ୍ୟକ୍ଷ ହସ୍ତାନ୍ତର ସୁବିଧା ମାଧ୍ୟମରେ ୨ ହଜାର ଟଙ୍କା ଲେଖାଏଁ ୨୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଦେଇଛନ୍ତି।

ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟର ୩୧ ଲକ୍ଷ ୫୧ ହଜାର ୭୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଆଜି ୬୮୯ କୋଟି ୧୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଯେଉଁ କୃଷକମାନେ ଏହି ଯୋଜନାରେ ସାମିଲ ହୋଇ ନାହାଁନ୍ତି ସେମାନଙ୍କୁ ଅନ୍ତର୍ଭୁକ୍ତ କରିବା ଲାଗି ବ୍ଲକସ୍ତରରେ ଆସନ୍ତା ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ ଆୟୋଜନ କରାଯାଉଛି।

ଯୋଗ୍ୟ ହିତାଧିକାରୀମାନେ ଜନସେବା କେନ୍ଦ୍ର ଜରିଆରେ ଏଥିପାଇଁ ଆବେଦନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ - ନିଯୁକ୍ତିମେଳା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ବିଭିନ୍ନ ପ୍ରାଥମିକ ତଥା ଉଚ୍ଚପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୧୬ ହଜାର ୯ ଜଣ କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି । ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ନିଯୁକ୍ତି ସମାରୋହରେ ମୁଖ୍ୟମନ୍ତ୍ରୀ ନିଯୁକ୍ତିପତ୍ର ପ୍ରଦାନ କରିବା ସହ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମାର୍ଗଦର୍ଶନ କରିଛନ୍ତି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଯୋଗ ଦେଇଛନ୍ତି ।

***Desk***

## ବାଜିରାଉତ ଜୟନ୍ତୀ

ଭାରତ ଇତିହାସରେ ସର୍ବକନିଷ୍ଠ ସହିଦ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ପାଇଥିବା ସହିଦ ବାଜିରାଉତଙ୍କ ଜନ୍ମଜୟନ୍ତୀ ଅବସରରେ ଆଜି ରାଜ୍ୟର ବିଭିନ୍ନ ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଉଛି। ଢେଙ୍କାନାଳ ଜିଲ୍ଲା ନୀଳକଣ୍ଠପୁରରେ ୧୯୨୬ ମସିହା ଅକ୍ଟୋବର ୫ ତାରିଖରେ ଜନ୍ମଗ୍ରହଣ କରିଥିବା ବାଜିରାଉତ ମାତ୍ର ୧୨ ବର୍ଷ ବୟସରେ ଇଂରେଜମାନଙ୍କ ବିରୁଦ୍ଧରେ ଲଢ଼ି ଦେଶ ମାତୃକା ପାଇଁ ନିଜ ଜୀବନର ବଳିଦାନ ଦେଇଥିଲେ।

ବାଜିରାଉତଙ୍କ ଜନ୍ମଜୟନ୍ତୀଙ୍କୁ ଆଗାମୀ ଦିନରେ ରାଜ୍ୟସ୍ତରରେ ବ୍ୟାପକଭାବେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ବାଜିରାଉତଙ୍କ ଜୟନ୍ତୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରି ନିଜର ତ୍ୟାଗ, ବଳିଦାନ ଓ ଦେଶପ୍ରେମ ଯେଉଁ ସମସ୍ତଙ୍କୁ ଗୌରବାନ୍ୱିତ କରିଥିବା ସହିଦ୍ ବାଜିରାଉତଙ୍କ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ରହିଛି। ଆଜିର ଯୁବପିଢ଼ି ତାଙ୍କର ନିଷ୍ଠା, ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆସନ୍ତା ୨୦୨୬ ମସିହାରେ ସହିଦ୍ ବାଜିରାଉତଙ୍କ ଜନ୍ମଜୟନ୍ତୀଙ୍କୁ ୧୦୦ ବର୍ଷ ପୂରଣ ହେବ। ଏହା ପୂର୍ବରୁ ଢେଙ୍କାନାର ଜିଲ୍ଲାର ନୀଳକଣ୍ଠପୁର ତାଙ୍କର ଜନ୍ମସ୍ଥାନରେ ବାଜିରାଉତଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ସ୍ଥାପନ କରାଯିବ। ସେ

କହିଛନ୍ତି, ବିକଶିତ ଭାରତ ତଥା ବିକଶିତ ଓଡ଼ିଶା ଗଠନ ହେଲେ ତାହା ସହିଦ ବାଜିରାଉତଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

***IPR***

## ଧର୍ମେନ୍ଦ୍ର ପ୍ରଧାନ - ସ୍ୱଚ୍ଛ ଭାରତ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଭୁବନେଶ୍ୱରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖରପୁର ମଙ୍ଗଳା ବସ୍ତିରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଯୋଗଦେଇ ସଫେଇ ମିତ୍ରଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସ୍ୱଚ୍ଛ ଭାରତ ମିଶନ ୧୦ ବର୍ଷ ପୂରଣ କରିଛି। ଏହି ଅବସରରେ ସେ  ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ଶ୍ରୀ ପ୍ରଧାନ ଆଜି ସକାଳେ ଚନ୍ଦ୍ରଶେଖରପୁରସ୍ଥିତ ବୁଦ୍ଧ ଜୟନ୍ତୀ ପାର୍କରେ ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରାରୋପଣ କରିଥିଲେ ।

*Desk*

## +୨ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷା ଲାଗି ଆଜି ତାରିଖ ଘୋଷଣା ହୋଇଛି । ଡିସେମ୍ବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଇଣ୍ଟରନାଲ୍ ପରୀକ୍ଷା ହେବ । ସେହିଭଳି ଜାନୁୟାରୀ ୨ରୁ ୧୨ ତାରିଖ ମଧ୍ୟରେ ପ୍ରାକ୍ଟିକାଲ୍ ପରୀକ୍ଷା ହେବ । ଫେବୃୟାରୀ ୧୫ରୁ ମାର୍ଚ୍ଚ ୨୦ ତାରିଖ ମଧ୍ୟରେ ମୁଖ୍ୟ ପରୀକ୍ଷା ହେବା ନେଇ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଚଳିତ ବର୍ଷ ତିନୋଟି ପର୍ଯ୍ୟାୟରେ ପରୀକ୍ଷା ହେବ ବୋଲି ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା କହିଛନ୍ତି ।

*HS*

## ଆଳୁ ମିଶନ

ରାଜ୍ୟର ସବ୍‌ଡିଭିଜନ୍‌ଗୁଡ଼ିକରେ ଶୀତଳଭଣ୍ଡାର ପ୍ରତିଷ୍ଠାପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ନେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଶୀତଳଭଣ୍ଡାର ସମୀକ୍ଷାପାଇଁ ଏକ ଟିମ୍ କୋଲ୍‌କାତା ଯାଇଛନ୍ତି । ସେମାନଙ୍କ ପାଖରୁ ରିପୋର୍ଟ ହସ୍ତଗତ ହେବା ପରେ ସବ୍‌ଡିଭିଜନଗୁଡ଼ିକରେ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ । ଆଳୁ ମିଶନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ସିଂହଦେଓ ଚଳିତ

ବର୍ଷ ଉତ୍ତର ପ୍ରଦେଶ ଏବଂ ପଞ୍ଜାବରୁ ଆଳୁ ବିହନ ଆମଦାନୀ କରାଯିବ ବୋଲି କହିଛନ୍ତି ।

*Nayagarh/R*

## ବନ୍ୟପ୍ରାଣୀ ସପ୍ତାହ

ନୟାଗଡ଼ ଜିଲ୍ଲା ପରିଷଦ ସଭାଗୃହରେ ଜିଲ୍ଲାସ୍ତରୀୟ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ଏଥିରେ ବାଚସ୍ପତି ସୁରମା ପାଢ଼ୀ ଜିଲ୍ଲାକୁ ପ୍ଲାଷ୍ଟିକମୁକ୍ତ କରିବାକୁ ଆହ୍ୱାନ ଦେବା ସହ ଏନେ ଜନସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ । ସେହିଭଳି ସାଂସଦ ସୁକାନ୍ତ ପାଣିଗ୍ରାହୀ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା, ପରିବେଶ ସନ୍ତୁଳନ ରକ୍ଷା କରିବା ଉପରେ ଆଲୋଚନା କରିଥିଲେ ।

*IPR*

## ଓର୍‌ମାସ୍ - ଇ-କମର୍ସ କର୍ମଶାଳା

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି - ଓର୍‌ମାସ୍ ପକ୍ଷରୁ ଆୟୋଜିତ ଦୁଇଦିନିଆ ରପ୍ତାନୀ ଓ ଇ-କମର୍ସ କର୍ମଶାଳା ଉଦ୍‌ଯାପିତ ହୋଇଛି । ଭୁବନେଶ୍ୱରସ୍ଥିତ କୃଷିଭବନ ପ୍ରେକ୍ଷାଳୟରେ ଆୟୋଜିତ ଏହି

କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳରେ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଉତ୍ପାଦଗୁଡ଼ିକର ଗୁଣବତ୍ତା, ପ୍ୟାକେଜିଂ, ବ୍ରାଣ୍ଡିଂ, ରପ୍ତାନୀ ଓ ଅନ୍‌ଲାଇନ୍ ମାର୍କେଟିଂ ଉପରେ କର୍ମଶାଳାରେ ଆଲୋଚନା ହୋଇଥିଲା ।

***Boudh/R***

## ନିପୁଣ ଓଡ଼ିଶା ମିଶନ

ବୌଦ୍ଧ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଜିଲ୍ଲାରେ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି । କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି-୨୦୨୦ର ଏକ ପ୍ରମୁଖ ଅଂଶ ହେଉଛି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ପରିଚୟ । ଏହାକୁ ଆଗେଇନେବାପାଇଁ ୨୦୨୧ ମସିହା ଜୁଲାଇ ମାସରେ ନିପୁଣ ଭାରତ ମିଶନ ଆରମ୍ଭ ହୋଇଥିଲା ।

***Puri/R***

## ଇକୋ ରିଟ୍ରିଟ୍

କୋଣାର୍କରେ ଆସନ୍ତା ଡିସେମ୍ବର ୧୫ ତାରିଖରୁ ଇକୋ ରିଟ୍ରିଟ୍ ଆରମ୍ଭ ହେବ । ଏନେଇ ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ତାଙ୍କ ଆବାସିକ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ଜିଲ୍ଲାପାଳ ଚଳିତ ବର୍ଷ ଇକୋ ରିଟ୍ରିଟ୍‌କୁ ଅଧିକ ଆକର୍ଷଣୀୟ କରିବା ଦିଗରେ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଅନୁସାରେ, ଇକୋ ରିଟ୍ରିଟ୍ ସମୟରେ ଜଳକ୍ରୀଡ଼ା, ଇଣ୍ଡୋର ଗେମ୍, ବିଚ୍ ସ୍ପୋଟର୍ସ ଆଦି ଉପଲବ୍ଧ ହେବ । ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯିବ । ଇକୋ ରିଟ୍ରିଟ୍ ପାଇଁ ବର୍ତ୍ତମାନଠାରୁ bookodisha.com ଓ odishaecoretreats.com ୱେବ୍‌ସାଇଟ୍ ମାଧ୍ୟମରେ ବୁକିଂ ଆରମ୍ଭ ହୋଇଛି ବୋଲି ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ କହିଛନ୍ତି ।

***Nabarangpur/R***

# ନବରାତ୍ର - ଦୁର୍ଗାପୂଜା

ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦା ତିଥିରୁ ଆରମ୍ଭ ହୋଇଛି ମା’ ଜଗତଜନନୀ ଦୁର୍ଗାଙ୍କର ନବରାତ୍ର ପୂଜା । ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆଜି ମା’ଙ୍କୁ ଚନ୍ଦ୍ରଘଣ୍ଟା ବେଶରେ ସଜ୍ଜିତ କରାଯିବା ସହିତ ସ୍ୱତନ୍ତ୍ର ପୂଜାନୀତି ଅନୁଷ୍ଠିତ ହେଉଛି । ନବରଙ୍ଗପୁର ଜିଲ୍ଲାର ପ୍ରମୁଖ ଶକ୍ତିପୀଠଗୁଡ଼ିକରେ ଷୋଳପୂଜା ଏବଂ ନବରାତ୍ର ପୂଜା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଚାଲିଛି । ଏ ସମ୍ପର୍କରେ ଆମ ନବରଙ୍ଗପୁର ସମ୍ବାଦଦାତାଙ୍କ ରିପୋର୍ଟ....

***Voice*** :............

*IPR*

# ସ୍ୱତନ୍ତ୍ର ଟ୍ରେନ୍

ପାର୍ବଣ ସମୟରେ ଟ୍ରେନ୍ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଦେଶର ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟତପାଇଁ ପୂଜା ବିଶେଷ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ଯୋଜନା କରିଛି । ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ପ୍ରାୟ ୨୭ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଏହାବ୍ୟତୀତ ଅତିରିକ୍ତ ଭାବେ ଆହୁରି ୧୪ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ସେଥିମଧ୍ୟରୁ ଭୁବନେଶ୍ୱର ଧାନବାଦ ଏବଂ ଯଶବନ୍ତପୁର, ପୁରୀରୁ ପାଟନା, ସମ୍ବଲପୁର ଏରୋଡ଼, ବ୍ରହ୍ମପୁରରୁ ନାନ୍ଦେଡ଼, କଟକରୁ ହାଇଦ୍ରାବାଦ ଆଦି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରୁଛି । ଦୁର୍ଗାପୂଜା, ଦୀପାବଳି ଓ ଛଟ୍ ପୂଜା ସମୟରେ ଯାତାୟତପାଇଁ ଏହି ଟ୍ରେନ୍‌ଗୁଡ଼ିକ ଆସନ୍ତା ନଭେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ ।

*****